# NATIONAL NEWS BULLETIN (ODIA)

**22 May - 2024**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ଇସଲାମିକ୍ ରିପବ୍ଲିକ୍ ଅଫ୍ ଇରାନ୍‌କୁ ଆଜି ଗସ୍ତ କରିବେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ।

- ଓଡ଼ିଶାର କନ୍ଧମାଳ ଲୋକସଭା ଆସନ ଅନ୍ତର୍ଗତ କଣ୍ଟାମାଳ ବିଧାନସଭାର ୨ଟି ବୁଥ୍‌ରେ ଆସନ୍ତାକାଲି ପୁନଃ ମତଦାନ ।

- ଦେଶର ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା କାଲି ସନ୍ଧ୍ୟାରେ ଶେଷ ହେବ ପ୍ରଚାର ।

- ଭିଏତନାମର ସାଧାରଣ ସୁରକ୍ଷା ମନ୍ତ୍ରୀ ଲାନ୍ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ମନୋନୀତ ।

ଏବଂ

- ବଙ୍ଗୋପସାଗରରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ଲଘୁଚାପରେ ପରିବର୍ତ୍ତିତ ।

–ଆସନ୍ତାକାଲିଠାରୁ ୨୫ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ।

## ଭିପି-ଇରାନ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଇସଲାମିକ୍ ରିପବ୍ଲିକ୍ ଅଫ୍ ଇରାନ୍ ଗସ୍ତରେ ଯାଉଛନ୍ତି । ଗତ ୧୯ ତାରିଖରେ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ଇରାନ୍ ରାଷ୍ଟ୍ରପତି ଡକ୍ଟର ସୟଦ୍ ଇବ୍ରାହିମ୍ ରାଇସି, ବୈଦେଶିକ ମନ୍ତ୍ରୀ ଡକ୍ଟର ହୁସେନ ଅମୀର୍ ଅବ୍‌ଦୋଲିଆନି ଏବଂ ଅନ୍ୟ ଅଧିକାରୀଙ୍କ ଦୁଃଖଦ ବିୟୋଗରେ  ଆୟୋଜିତ ହେବାକୁ ଥିବା ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସେ ଏହି ଗସ୍ତରେ ଯାଉଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁଃଖଦ ସମୟରେ ଇରାନ୍ ସରକାର ଏବଂ ସେଠାକାର ଜନସାଧାରଣଙ୍କୁ ସମବେଦନା ଜଣାଇଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ନୂଆଦିଲ୍ଲୀ ସ୍ଥିତ ଇରାନ୍ ଦୂତାବାସ ପରିଦର୍ଶନ କରି ଭାରତ ପକ୍ଷରୁ ସମବେଦନା ଜ୍ଞାପନ କରିଛନ୍ତି ।

## ଡବ୍ଲୁଏଚ୍‌ଓ ଗାଜା

ଗାଜାକୁ ଚିକିତ୍ସା ସାମଗ୍ରୀ ଯୋଗାଣ ଉପରେ ଥିବା ଅବରୋଧକୁ ହଟାଇବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟ ଟେଡ୍ରସ୍ ଆଧାନମ୍ ଘେବ୍ରିସିୟସ୍ ଇସ୍ରାଏଲ୍‌କୁ କହିଛନ୍ତି । ସେ ଅନୁରୋଧ କରି କହିଛନ୍ତି ଯେ ଗାଜାରେ ଏବେ ୭ଶହ ଗୁରୁତର ଅସୁସ୍ଥ ରୋଗୀ ଜୀବନରକ୍ଷାକାରୀ ଔଷଧ ପାଇଁ ପ୍ରତୀକ୍ଷା କରିଛନ୍ତି । ଜେନେଭା ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ସେ କହିଛନ୍ତି ଇଜିପ୍ଟରୁ ଗାଜାକୁ ସଡ଼କପଥରେ

ଯୋଗାଯୋଗ ଦୁଇସପ୍ତାହ ପାଇଁ ବନ୍ଦ ରହିଛି । ଫଳରେ ଗାଜାକୁ ଜରୁରୀକାଳୀନ ଔଷଧ ସାମଗ୍ରୀ ଯୋଗାଣ ବନ୍ଦ ହୋଇଯାଇଛି । ଏହି ସ୍ଥିତିକୁ ବିପର୍ଯ୍ୟୟଜନକ ବୋଲି ଶ୍ରୀ ଟେଡ୍ରସ୍ କହିବା ସହ ଗାଜାର ଡାକ୍ତରଖାନା ନିକଟରେ ଯୁଦ୍ଧର ବାତାବରଣ ସୃଷ୍ଟି ହେବା ଯୋଗୁଁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହୋଇଛି । ଉତ୍ତର ଗାଜା ଅଞ୍ଚଳରେ ଦୁଇଟି ଡାକ୍ତରଖାନା କାର୍ଯ୍ୟକ୍ଷମ ରହିଥିବା ଯୋଗୁଁ ସେଠାରେ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଣ ସୁନିଶ୍ଚିତ କରିବା ଜରୁରୀ ହୋଇପଡ଼ିଛି । ତେବେ ଗାଜାକୁ ସହାୟତା ନ ଆସିଲେ ଜାତିସଂଘର ସ୍ୱାସ୍ଥ୍ୟସେବା ଯୋଗାଣ ସଂସ୍ଥା ଦ୍ୱାରା ଜୀବନ ରକ୍ଷାକାରୀ ଔଷଧ ଯୋଗାଇବା ସମ୍ଭବ ହେବନାହିଁ ବୋଲି ସେ କହିଚନ୍ତି ।

## ଆପ୍-ବିଜେପି

ବିଜେପି’ ଆମ୍ ଆଦମୀ ପାର୍ଟି ଏବଂ ଦିଲ୍ଲୀ ଜନସାଧାରଣଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଛି ବୋଲି ଆପ୍‌ର ବରିଷ୍ଠ ନେତା ଆତିଶୀ କହିଛନ୍ତି । ନୂଆଦିଲ୍ଲୀଠାରେ ସାମ୍ବାଦିକମାନଙ୍କୁ ସମ୍ବୋଧନ କରି ସେ କହିଛନ୍ତି ବିଜେପିର ଅସହଯୋଗ ଯୋଗୁଁ ଦିଲ୍ଲୀ ମହାନଗରରେ ଜଳସଂକଟ ସମସ୍ୟା ସୃଷ୍ଟି ହେଉଛି । ଯମୁନା ନଦୀରୁ ଦିଲ୍ଲୀକୁ ଆସିବାକୁ ଥିବା ଜଳ ପ୍ରବାହକୁ ହରିଆଣାର ବିଜେପି ସରକାର ବନ୍ଦ କରିଦେଇଥିବାରୁ ନଦୀରେ ଜଳ ପ୍ରବାହ ବହୁ ପରିମାଣରେ ହ୍ରାସ ପାଇଛି ବୋଲି ଆତିଶୀ ଅଭିଯୋଗ କରିଛନ୍ତି ।

# ପୁନ୍ ମତଦାନ

ଓଡ଼ିଶାର କନ୍ଧମାଳ ଲୋକସଭା ଆସନ ଅନ୍ତର୍ଗତ କଣ୍ଟାମାଳ ବିଧାନସଭାର ଦୁଇଟି ବୁଥ୍‌ରେ ଆସନ୍ତାକାଲି ମତଦାନ ହେବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି । କଣ୍ଟାମାଳର ୨୬ ନମ୍ବର ବୁଥ୍ ଏବଂ ୨୮ ନମ୍ବର ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବ । ସୂଚନାଯୋଗ୍ୟ ଗତ ୨୦ ତାରିଖରେ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ବୁଥ୍ ଦୁଇଟିରେ ଜବରଦଖଲ ଅଭିଯୋଗ ହେବାରୁ ଏଠାରେ ପୁନଃ ମତ ଗ୍ରହଣ କରିବାକୁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।

# ପୁଣେ- ବୋଟ୍ ସଙ୍କ୍

ପୁଣେର ଇନ୍ଦପୁର ତହସିଲ ଅନ୍ତର୍ଗତ ଉଜୈନୀ ଡ୍ୟାମ୍‌ରେ ଏକ ଡଙ୍ଗା ବୁଡ଼ି ୭ଜଣ ନିଖୋଜ ଥିବା ଜଣାପଡ଼ିଛି । ଡଙ୍ଗାରେ ଯାଉଥିବା ୮ଜଣଙ୍କ ମଧ୍ୟରୁ ସୁରକ୍ଷିତ ଭାବେ କୂଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ । ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପାଇଁ ଏନ୍‌ଡିଆରଏଫ୍ ଟିମ୍ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛି । ଡଙ୍ଗାଟି ଇନ୍ଦପୁର ତହସିଲର କଳାସିରୁ ବାହାରି ସୋଲାପୁର ଜିଲ୍ଲାର କରମାଳା ତହସିଲ ଅନ୍ତର୍ଗତ କୁଗାଓଁକୁ ଯାଉଥିବା ବେଳେ ପ୍ରବଳ ଝଡ଼ ପବନ ଯୋଗୁଁ ଓଲଟି ପଡ଼ିଥିଲା । ସେହି ଡଙ୍ଗାଟିରେ ୪ ଜଣ ପୁରୁଷ, ୨ ଜଣ ମହିଳା ଏବଂ ୨ ଜଣ ନାବାଳିକା ଥିଲେ ।

## ଭିଏତନାମ୍-ପ୍ରେଜ୍

ଭିଏତନାମର ସାଧାରଣ ସୁରକ୍ଷା ମନ୍ତ୍ରୀ ଲାନ୍ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ହେବେ । ଜାତୀୟ ସଂସଦର ହାନୋଇସ୍ଥିତ ମୁଖ୍ୟାଳୟରେ ଆଜି ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପୂର୍ବତନ ରାଷ୍ଟ୍ରପତି ଭୋ ଭାନ୍ ଥୁଅଙ୍ଗ ଦୁର୍ନୀତି ଅଭିଯୋଗରେ ଇସ୍ତଫା ଦେବାର ଦୁଇମାସ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଗତ ୧୮ ମାସରୁ କମ୍ ସମୟ ମଧ୍ୟରେ ଲାନ୍ ଭିଏତନାମର ତୃତୀୟ ରାଷ୍ଟ୍ରପତି ଭାବେ ମନୋନୀତ ହୋଇଛନ୍ତି । ଆଭ୍ୟନ୍ତରୀଣ ସୁରକ୍ଷା ତଥା ବିଦ୍ରୋହୀଙ୍କୁ ଦମନ କରିବାରେ ଲାନ୍‌ଙ୍କର ସେଠାରେ ସୁନାମ ରହିଛି।

## ବିଲ୍‌ବୋର୍ଡ ଆକ୍ସିଡେଣ୍ଟ

ମହାରାଷ୍ଟ୍ରର ଘଟ୍‌କୋପର ଠାରେ ଘଟିଥିବା ବିଜ୍ଞାପନ ହୋଡିଂ ଦୁର୍ଘଟଣାର ତଦନ୍ତ ପାଇଁ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚ ଏକ ସ୍ୱତନ୍ତ୍ର ଯାଞ୍ଚ ଦଳ ଗଠନ କରିଛି । ୬ ଜଣ ଅଧିକାରୀଙ୍କୁ ନେଇ ଗଠିତ ଏହି ଦଳ ଇତିମଧ୍ୟରେ କମ୍ପାନୀର ମାଲିକ ଭବେଷ ଭିଡ଼େଙ୍କ ବାସଭବନ ଖାନତଲାସ କରିଛି । ସୂଚନାଯୋଗ୍ୟ ଗତ ୧୩ ତାରିଖରେ ପ୍ରବଳ ଘୂର୍ଣ୍ଣିଝଡ଼ ଯୋଗୁଁ ଘଟ୍‌କୋପର ଠାରେ ଏହି ବିଜ୍ଞାପନ ହୋଡିଂ ଭୁଶୁଡ଼ି ପଡ଼ିବାରୁ ୧୭ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୭୫ ଜଣ ଆହତ ହୋଇଥିଲେ ।

## କଂଗ୍ରେସ-ଥରୁର୍

କଂଗ୍ରେସ ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁର ଚଳିତ ଲୋକସଭା ନିର୍ବାଚନରେ ବହୁ ଆସନରେ ବିଜୟୀ ହେବା ନେଇ ବିଜେପିର ଦାବିକୁ ହାସ୍ୟାସ୍ପଦ ବୋଲି କହିଛନ୍ତି । ନୂଆଦିଲ୍ଲୀଠାରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି ୨୦୧୯ ମସିହାରେ ବିଜେପି ପାଇଥିବା ଜନମତର ଏଥର ପୁନରାବୃତ୍ତି ହେବ ନାହିଁ ବୋଲି ସେ କହିଛନ୍ତି । ବହୁ ଆସନରେ କଂଗ୍ରେସ ଏବଂ ଇଣ୍ଡି ମେଣ୍ଟର ପ୍ରାର୍ଥୀ ବିଜୟୀ ହେବେ ବୋଲି ସେ କହିଛନ୍ତି ।

## ନେଭି ଚିଫ୍ ଆଡ୍ରେସ୍

ଦେଶର ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ଭାରତୀୟ ନୌସେନା ସର୍ବଦା ପ୍ରସ୍ତୁତ ବୋଲି ନୌସେନା ମୁଖ୍ୟ ଆଡମିରାଲ୍ ଦିନେଶ କେ. ତ୍ରିପାଠୀ କହିଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି ନୌସେନା ମୁଖ୍ୟାଳୟଠାରେ ଏକ ସମାରୋହରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଆତ୍ମନିର୍ଭର ଭାରତ ପାଇଁ ନୌସେନାର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ । ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ସାଂପ୍ରତିକ ପରିସ୍ଥିତିରେ ରହିଥିବା ଆହ୍ୱାନ ଗୁଡ଼ିକର ମୁକାବିଲା ପାଇଁ ଭାରତୀୟ ନୌସେନା ପ୍ରସ୍ତୁତ ବୋଲି ସେ କହିଛନ୍ତି । ନୌସେନାରେ ସାମିଲ ହୋଇଥିବା ଯୁବ ଅଧିକାରୀଙ୍କୁ ପରାମର୍ଶ ଦେଇ ସେ କହିଛନ୍ତି ସବୁବେଳେ କର୍ତ୍ତବ୍ୟନିଷ୍ଠା ଏବଂ ସତର୍କ ରହିବାକୁ ପଡ଼ିବ । ନୌସେନାରେ କାର୍ଯ୍ୟ କରୁଥିବା ଯବାନ ଏବଂ ଅଧିକାରୀଙ୍କର ପେଶାଦାର ମନୋବୃତ୍ତି ଏବଂ କର୍ତ୍ତବ୍ୟନିଷ୍ଠାକୁ ସେ ଉଚ୍ଚପ୍ରଶଂସା କରିଛନ୍ତି ।

# ନିର୍ବାଚନ

ଦେଶରେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ପାଇଁ ମତ ଗ୍ରହଣ ଆସନ୍ତା ୨୫ ତାରିଖ ଶନିବାର ଦିନ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ୬ଟି ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ୫୮ଟି ଲୋକସଭା ଆସନ ପାଇଁ ମତଦାନ ହେବ । ସେଥିମଧ୍ୟରେ ଦିଲ୍ଲୀର ସମସ୍ତ ୭ଟି ଲୋକସଭା ଆସନ ଏବଂ ହରିଆଣାର ୧୦ଟି ଲୋକସଭା ଆସନ ରହିଛି ।  ଏହି ପର୍ଯ୍ୟାୟରେ ଓଡ଼ିଶାର ୬ଟି ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକ ପାଇଁ ମତଦାନ କରାଯିବ । ଏହି ପର୍ଯ୍ୟାୟ ପାଇଁ ଆସନ୍ତାକାଲି ସନ୍ଧ୍ୟାରେ ପ୍ରଚାର ଶେଷ ହେବ ।

# ଓଡ଼ିଶା-ସମ୍ବଲପୁର

ଚଳିତ ଲୋକସଭା ନିର୍ବାଚନରେ ଓଡ଼ିଶାର ଯଦି କୌଣସି ଏକ ନିର୍ବାଚନ ମଣ୍ଡଳୀକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଥାଏ, ତାହା ହେଉଛି ସମ୍ବଲପୁର ନିର୍ବାଚନ ମଣ୍ଡଳୀ । ସମ୍ବଲପୁର ନିର୍ବାଚନ ମଣ୍ଡଳୀରେ ରାଜ୍ୟର ଦୁଇଜଣ ତୁଙ୍ଗ ରାଜନୈତିକ ନେତା ପ୍ରତିଦ୍ୱନ୍ଦିତା କରୁଛନ୍ତି । ସେମାନେ ହେଉଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେଡ଼ି ସଂଗଠନର ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ । ଶ୍ରୀ ପ୍ରଧାନ ବିଜେପିରୁ ପ୍ରତିଦ୍ୱନ୍ଦିତା ପରୁଥିବା ବେଳେ ଶ୍ରୀ ଦାସ ବିଜେଡ଼ିରୁ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଶାସକ ବିଜେଡ଼ି ପ୍ରଣବ ପ୍ରକାଶ ଦାସଙ୍କୁ ସମ୍ବଲପୁରରୁ ଛିଡ଼ା କରାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଥିଲା । ସମ୍ବଲପୁର ନିର୍ବାଚନ ମଣ୍ଡଳୀ ପଶ୍ଚିମ ଓଡ଼ିଶା ରାଜନୀତିରେ ସର୍ବଦା କେନ୍ଦ୍ରସ୍ଥଳୀ ଭାବେ ବିବେଚିତ ହୋଇ ଆସିଛି । ପୂର୍ବରୁ କୌଣସି ରାଜନୈତିକ ଦଳ ପକ୍ଷରୁ ଏଭଳି ପ୍ରୟୋଗ

କରାଯାଇ ନଥିଲା । ଉପକୂଳ ଓଡ଼ିଶାର ଯାଜପୁରରୁ ତିନିଥର ବିଧାୟକ ଥିବା ପ୍ରଣବ ପ୍ରକାଶ ଦାସ ବିଜେଡ଼ିରେ ଦ୍ୱିତୀୟ ସ୍ଥାନରେ ଥିବାର କୁହାଯାଉଛି । ତାଙ୍କ ସମ୍ମୁଖରେ ଥିବା ଏହି ଚ୍ୟାଲେଞ୍ଜକୁ ସେ ସାଦରେ ଗ୍ରହଣ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦିତା କରିବାକୁ ଆଗେଇ ଆସିଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ରାଜସ୍ଥାନ ରୟାଲ୍ସ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ପ୍ରଥମ ଏଲିମିନେଟର୍ ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ । ଏହି ମ୍ୟାଚ୍‌ର ବିଜେତା ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ କ୍ୱାଲିଫାୟର୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ଭେଟିବ । ରବିବାର ଦିନ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

ସୂଚନାଯୋଗ୍ୟ ଗତକାଲିର ପ୍ରଥମ କ୍ୱାଲିଫାୟର ମ୍ୟାଚ୍ ଜିତି କୋଲକାତା ନାଇଟ୍ ରାଇଡର୍ସ୍ ଚଳିତ ଆଇପିଏଲ୍ ସିଜିନ୍‌ର ପ୍ରଥମ ଦଳ ଭାବେ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛି ।

## ଆଇଏମ୍‌ଡି

ବଙ୍ଗୋପସାଗରରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ଆଜି ଲଘୁଚାପର ରୂପ ନେଇଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହାର ପ୍ରଭାବରେ ଦକ୍ଷିଣ ପଶ୍ଚିମ ପାର୍ଶ୍ୱବର୍ତ୍ତୀ, ପଶ୍ଚିମ

କେନ୍ଦ୍ରୀୟ ଏବଂ ତତ୍‌ସଂଲଗ୍ନ ଉତ୍ତର ତାମିଲନାଡୁ, ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା କ୍ରମଶଃ ଉତ୍ତର-ପୂର୍ବ ଦିଗରେ ଗତି କରିବ । ଏହା ଅଧିକ ଘନୀଭୂତ ହୋଇ ୨୪ ତାରିଖ ସକାଳେ ଅବପାତର ରୂପ ନେବ ବୋଲି ପାଣିପାଗ କେନ୍ଦ୍ର କହିଛି । ପରବର୍ତ୍ତୀ ସମୟରେ ଉତ୍ତର-ପୂର୍ବ ଦିଗରେ ଗତିକରିବାର ସମ୍ଭାବନା ରହିଛି । ସମୁଦ୍ର ଅଶାନ୍ତ ରହୁଥିବାରୁ ଆସନ୍ତାକାଲିଠାରୁ ୨୫ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ କୁହାଯାଇଛି ।

ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ କେରଳ, ତାମିଲନାଡୁ, ପୁଡୁଚେରୀ, ମାହେ, କରାଇକାଲ ଏବଂ କର୍ଣ୍ଣାଟକର କେତେକ ଅଞ୍ଚଳରେ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ପଞ୍ଜାବ, ହରିଆଣା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତରପ୍ରଦେଶ, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ପ୍ରବଳ ଗରମ ଅନୁଭୂତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ଦେଶର କେନ୍ଦ୍ରୀୟ ଏବଂ ଉତ୍ତର-ପଶ୍ଚିମ ଅଞ୍ଚଳରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ବିଭାଗ କହିଛି ।